# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24 January – 2026

*********************************

## ମୁଖ୍ୟ ସମ୍ବାଦ

- ଯୁବପିଢ଼ିଙ୍କ ଲାଗି ଦେଶ ଓ ବିଦେଶରେ ନୂତନ ସୁଯୋଗ ସୃଷ୍ଟି ପାଇଁ ଉଦ୍ୟମ କରୁଛନ୍ତି ସରକାର; କହିଲେ ପ୍ରଧାନମନ୍ତ୍ରୀ

– ଅଷ୍ଟାଦଶ ରାଷ୍ଟ୍ରୀୟ ରୋଜଗାର ମେଳାରେ ୬୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ କଲେ ନିଯୁକ୍ତିପତ୍ର ବଣ୍ଟନ

- ପୁରୀରେ ଆଜିଠାରୁ ଆରମ୍ଭ ହେଉଛି ବିଶ୍ୱ ଓଡ଼ିଆ ସ୍ୱାସ୍ଥ୍ୟ ସଂଘ ସମ୍ମିଳନୀ-୨୦୨୬ ଉଡ଼ାଣ-୧

- ହୀରକ ତ୍ରିଭୂଜ ରତ୍ନଗିରି, ଲଳିତଗିରି ଓ ଉଦୟଗିରି ବୌଦ୍ଧସ୍ତୂପ ୟୁନେସ୍କୋ ତାଲିକାରେ ସାମୟିକ ଭାବେ ସାମିଲ

- ସ୍ଥାୟୀ ଭବିଷ୍ୟତ ପାଇଁ କନ୍ୟାରତ୍ନଙ୍କ ସଶକ୍ତୀକରଣର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଜାତୀୟ କନ୍ୟା ଦିବସ

ଏବଂ

- ମନ୍ କି ବାତ'ରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ

Desk

# ପି.ଏମ୍. - ରୋଜଗାର ମେଳା

ସରକାର ଦେଶ ଏବଂ ବିଦେଶରେ ଯୁବପିଢ଼ିଙ୍କ ଲାଗି ନୂଆ ସୁଯୋଗ ସୃଷ୍ଟି କରିବା ନିମନ୍ତେ ଉଦ୍ୟମରତ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଦେଶର କୁଶଳୀ ଯୁବକମାନଙ୍କ ପାଇଁ ସୁଯୋଗ ଉନ୍ମୁକ୍ତ କରିବା ନିମନ୍ତେ ବିଭିନ୍ନ ଦେଶ ସହ ଭାରତ ବୁଝାମଣାପତ୍ର ସ୍ୱାକ୍ଷର କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

**V/O - PM Trade Agreement**

ନୂଆଦିଲ୍ଲୀରେ ଆଜି ଅଷ୍ଟାଦଶ ରାଷ୍ଟ୍ରୀୟ ରୋଜଗାର ମେଳାକୁ ଆଭାସୀ ଜରିଆରେ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ଭାରତର ଅର୍ଥନୀତି ଏକ ଦଶନ୍ଧୀ ମଧ୍ୟରେ ସକଳ ଘରୋଇ ଉତ୍ପାଦ ଜିଡିପି ଦ୍ୱିଗୁଣିତ କରିବାରେ ପୃଥିବୀର ଏକମାତ୍ର ଅର୍ଥନୀତି ହୋଇପାରିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଆଭାସୀ କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ବିଭାଗ ଓ ସଂସ୍ଥାରେ ୬୧ ହଜାରରୁ ଅଧିକ ନବ ନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି।

ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବିନିଯୋଗ ଆଧାରରେ ଏବେ ଭାରତରେ ୧୦୦ରୁ ଅଧିକ ଦେଶ ପୁଞ୍ଜିନିବେଶ କରୁଛନ୍ତି। ଯାହା ୨୦୧୪ ମସିହା ତୁଳନାରେ ଅଢ଼େଇ ଗୁଣ ଅଧିକ।

ଏହି ନିବେଶ ଫଳରେ ଦେଶରେ ଯୁବକମାନଙ୍କ ଅପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ  ସୃଷ୍ଟି ହୋଇଛି। ଆଜି ମଧ୍ୟ ଦେଶ ୪୫ଟି ସ୍ଥାନରେ ରୋଜଗାର ମେଳା ଆୟୋଜନ କରାଯାଇ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି। ନବନିଯୁକ୍ତମାନେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ଯୋଗଦେବେ।

ଆଜି ଦିବସର ଗୁରୁତ୍ୱ ସମ୍ପର୍କରେ ଅବତାରଣା କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଜାନୁଆରୀ ୨୪ ତାରିଖରେ ଆମ ସମ୍ବିଧାନ 'ଜନଗଣମନ'କୁ ଜାତୀୟ ସଂଗୀତ ଏବଂ 'ବନ୍ଦେ ମାତରମ୍'କୁ ରାଷ୍ଟ୍ରୀୟ ସଂଗୀତ ଭାବେ ସ୍ୱୀକୃତି ଦେଇଥିଲା।

**- V/O - PM Modi Sepecial Day**

Desk

# ସ୍ୱାସ୍ଥ୍ୟସଂଘ ସମ୍ମିଳନୀ

ବିଶ୍ୱ ଓଡ଼ିଆ ସ୍ୱାସ୍ଥ୍ୟ ସଂଘ ସମ୍ମିଳନୀ-୨୦୨୬ ଉଡ଼ାନ-୧ ଆଜିଠାରୁ ପୁରୀ ପାନ୍ଥନିବାସରେ ଆରମ୍ଭ ହେବ । ତିନିଦିନିଆ ସମ୍ମିଳନୀରେ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଡାକ୍ତରମାନେ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଉନ୍ନତ ଓ ଅତ୍ୟାଧୁନିକ ଚିକିତ୍ସା ସେବାର ଉପଲବ୍ଧି ସମ୍ପର୍କରେ ବିଚାର ବିମର୍ଶ କରି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବେ । ଉଡ଼ାଣ-୧ ମାଧ୍ୟମରେ ରାଜ୍ୟରେ କାର୍ଯ୍ୟରତ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଏବଂ ଡାକ୍ତର ସମୁଦାୟ ମଧ୍ୟରେ ସୁସମ୍ପର୍କ ସ୍ଥାପନ

କରିବା ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷ 'ସେବା ପରମଧର୍ମ' ବାର୍ତ୍ତା ନେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

Desk

## ୟୁନେସ୍କୋ ମାନ୍ୟତା

ଓଡ଼ିଶାର ହୀରକ ତ୍ରିଭୁଜ ଭାବେ ପରିଚିତ ବୌଦ୍ଧସ୍ତୂପ ରତ୍ନଗିରି, ଲଳିତଗିରି ଓ ଉଦୟଗିରିକୁ ଭାରତର ବିଶ୍ୱ ଐତିହ୍ୟ ମାନ୍ୟତା ଦେବା ଲାଗି ୟୁନେସ୍କୋ ଆବେଦନ ଗ୍ରହଣ କରିଛି । ୮ ମାସ ପୂର୍ବେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ-ଏ.ଏସ୍.ଆଇ ପକ୍ଷରୁ ହୀରକ ତ୍ରିଭୂଜ ସମ୍ପର୍କରେ ତଥ୍ୟ ଓ ଦସ୍ତାବିଜ୍ ୟୁନେସ୍କୋ ନିକଟରେ ଦାଖଲ କରାଯାଇଥିଲା । ଏହି ପଦକ୍ଷେପ ରାଜ୍ୟ ସଂସ୍କୃତି ଓ ଐତିହ୍ୟ ପାଇଁ ଗୌରବର ବିଷୟ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି । ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ଜନସାଧାରଣ ଯେଭଳି ଐତିହ୍ୟସ୍ଥଳଗୁଡ଼ିକ ସହଜରେ ପରିଦର୍ଶନ କରିପାରିବେ ଓ ସୁବିଧା ପାଇପାରିବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଇଥିବା ଶ୍ରୀମତୀ ପରିଡ଼ା କହିଛନ୍ତି ।

HS

## ଧର୍ମେନ୍ଦ୍ର– କ୍ରୀଡ଼ା

ଦେଶରେ କାର୍ଯ୍ୟକାରୀ ହେଉଥିବା ନୂତନ ଜାତୀୟ ଶିକ୍ଷାନୀତିରେ କ୍ରୀଡ଼ାକୁ ପାଠ୍ୟକ୍ରମର ଏକ ଅଂଶଭାବେ ଗ୍ରହଣ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁର କୁଲୁଣ୍ଡିସ୍ଥିତ ସରକାରୀ

ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ୧୦ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ଅତ୍ୟାଧୁନିକ ଇଣ୍ଡୋର ଷ୍ଟାଡିୟମ୍ ଏବଂ କର୍ମଚାରୀ ଆବାସ ଉଦ୍‌ଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି, ପାଠପଢ଼ା ସହ ଶାରୀରିକ ଏବଂ ମାନସିକ ବିକାଶ ପାଇଁ ଖେଳକୁଦ ଅପରିହାର୍ଯ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ସଶକ୍ତ, ସକ୍ଷମ ଓ ଆତ୍ମନିର୍ଭର ଦିଗରେ ଅଗ୍ରଗତି କରୁଛି। ଏହି ଷ୍ଟାଡିୟମ ଛାତ୍ରଛାତ୍ରୀଙ୍କୁ ଖେଳିବା ପାଇଁ ପ୍ରୋତ୍ସାହିତ କରିବ। ଆଗାମୀ ଦିନରେ ବାଳିକାମାନଙ୍କ ତାଲିମ ବ୍ୟବସ୍ଥା ସହ କଲେଜର ସିଟ୍ ସଂଖ୍ୟାକୁ ୧୦୦ରୁ ୫୦୦କୁ ବୃଦ୍ଧି କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

Desk

## କନ୍ୟା ଦିବସ

ଦେଶରେ ଝିଅମାନଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରି ବିକାଶ କରାଇବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିକର ଖାଦ୍ୟ ଓ ସାମଗ୍ରୀକ ସଂସ୍କାର ନିମନ୍ତେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ବାଳିକା ଦିବସ ପାଳନ କରାଯାଉଛି। ବିଶେଷ ଭାବେ ପୁଅ–ଝିଅ ମଧ୍ୟରେ କୌଣସି ବାଛବିଚାର ନ କରି ଉଭୟଙ୍କୁ ସମାନ ସୁଯୋଗ ପ୍ରଦାନ କରାଗଲେ ଝିଅମାନେ ଦେଶର ସଶକ୍ତ ନାଗରିକଭାବେ ଭୂମିକା ନିର୍ବାହ କରିପାରିବେ। ଚଳିତ ବର୍ଷ ଜାତୀୟ ବାଳିକା ଦିବସର ବାର୍ତ୍ତା ରହିଛି **'ସ୍ଥାୟୀ ଭବିଷ୍ୟତ**

**ପାଇଁ କନ୍ୟାରତ୍ନଙ୍କ ସଶକ୍ତିକରଣ'**। ଏ ସମ୍ପର୍କରେ ଶିଶୁ ଅଧିକାର କର୍ମୀ ପ୍ରୀତିଛନ୍ଦା ଧଳ ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି...

**- V/O -**

କେନ୍ଦ୍ର ସରକାରଙ୍କ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନା ଆଜି ମଧ ବାର୍ଷିକୀ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ମସିହା ଜାନୁଆରୀ ୨୨ ତାରିଖରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଏଥିରେ କନ୍ୟାଭ୍ରୂଣ ହତ୍ୟା, ବାଲ୍ୟବିବାହ ଏବଂ ଲିଙ୍ଗଗତ ଭେଦଭାବ ଦୂର କରି ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ନିରାପତ୍ତା ସୁନିଶ୍ଚିତ କରିବା ବିଷୟ ସ୍ଥାନିତ କରାଯାଇଥିଲା। ୨୦୦୮ ମସିହାରେ ପ୍ରଥମଥର ପାଇଁ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ବାଳିକା ଦିବସ ପାଳନ କରାଯାଇଥିଲା।

ଆଜି ମଧ୍ୟ ଅନ୍ତର୍ଜାତୀୟ ଶିକ୍ଷା ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଶିକ୍ଷାର ସହ-ସୃଷ୍ଟିରେ ଯୁବପିଢ଼ିଙ୍କ ଶକ୍ତି** ।

Desk

# ବକ୍ସି - ପୁଣ୍ୟତିଥି

ମହାନ୍ ବିପ୍ଲବୀ ସହିଦ ବକ୍ସି ଜଗବନ୍ଧୁଙ୍କ ପୁଣ୍ୟତିଥିରେ ଆଜି ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଖୋର୍ଦ୍ଧା ଜୟୀରାଜଗୁରୁ ଟାଉନ୍‌ହଲ୍‌ଠାରେ ଆୟୋଜିତ ହେବାକୁ ଥିବା

କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେବେ । ଭୁବନେଶ୍ୱର ସଂଗ୍ରହାଳୟ ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ପାଇକ ବିଦ୍ରୋହର ଅମର ନାୟକ, ସ୍ୱାଭିମାନି ଓଡ଼ିଆ ଜାତିର ପରାକ୍ରମୀ ସେନାପତି ବକ୍ସି ଜଗବନ୍ଧୁଙ୍କ ମାତୃଭୂମିର ସୁରକ୍ଷା ଓ ସ୍ୱାଧୀନତା ପ୍ରତି ଅଦ୍ୟମ ସାହସ୍ୟ ଓ ବଳିଦାନ ସମସ୍ତଙ୍କ ପାଇଁ ପ୍ରେରଣାର ଅକ୍ଷୟ ଉତ୍ସ ହୋଇ ରହିବ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବ୍ରିଟିଶ ସରକାର ବିରୋଧରେ ପ୍ରଥମ ସଶସ୍ତ୍ର ସଂଗ୍ରାମ ପାଇକ ବିଦ୍ରୋହର ମହାନ ଯୋଦ୍ଧା ପରାକ୍ରମୀ ସେନାପତି ବକ୍ସି ଜଗବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ତାଙ୍କର ଅସୀମ ସାହସ ଓ ମାତୃଭମି ପାଇଁ ବଳିଦାନ ରାଷ୍ଟ୍ରପ୍ରେମର ଶ୍ରେଷ୍ଠ ଉଦାହରଣ।

Desk

## ମୁଖ୍ୟଶାସନ ସଚିବ– ବୈଠକ

ଜନସାଧାରଣଙ୍କ ଅଭିଯୋଗ ଶୁଣାଣିକୁ ଗୁରୁତ୍ୱ ଦେଇ ସୋମବାର ଦିନ କୌଣସି ସରକାରୀ ବୈଠକ ନ କରିବାକୁ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ବ୍ୟତୀତ ପ୍ରତ୍ୟେକ ମାସର ତୃତୀୟ ଶନିବାର ଦିନ ଭିତ୍ତିଭୂମି ପ୍ରକଳ୍ପର ସମୀକ୍ଷା କରାଯିବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି।

Desk

# ସାଧାରଣତନ୍ତ୍ର ଦିବସ

ଆସନ୍ତା ୨୬ ତାରିଖ ସୋମବାର ଦିନ ଦେଶ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିବ। ଏ ନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି। ରାଜ୍ୟସ୍ତରୀୟ ପରେଡ୍ ପାଇଁ ଆଜି ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସମ୍ପୂର୍ଣ୍ଣ ଅଭ୍ୟାସ କରାଯାଇଛି। ଚଳିତଥର ପରେଡ୍‌ରେ ୫୪ଟି କଣ୍ଟିଜେଣ୍ଟ ଭାଗ ନେବେ ବୋଲି ଜଣାପଡ଼ିଛି।

Desk

# ମନ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ମନ୍ କି ବାତ'ର ୧୩୦ ସଂସ୍କରଣ ହେବ। କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ

ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ ।

HS

## କୃଷି ଓଡ଼ିଶା ଉଦ୍‌ଯାପିତ

ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆରେ ତିନିଦିନ ଧରି ଚାଲିଥିବା କୃଷି ଓଡ଼ିଶା-୨୦୨୬ ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହେବ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

BHK

## କର୍ମଶାଳା

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ତିହିଡ଼ି ବ୍ଲକର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୋଜନା ବିଭାଗ ଉପନିର୍ଦ୍ଦେଶକ ପ୍ରହଲ୍ଲାଦ ରଣା କାର୍ଯ୍ୟକ୍ରମରେ ଯୋଗଦେଇ ଗ୍ରାମ୍ୟ ସମାଜ, ଲୋକସଭ୍ୟତା ଓ ନିରନ୍ତର ବିକାଶରେ ସଫଳତା ସମ୍ପର୍କରେ ଆଲୋଚନା କରିଛନ୍ତି ।

Ganjam

## କର୍କଟ ନିରୋଧୀ ଟୀକା

ଗଞ୍ଜାମ ଜିଲ୍ଲାର ପ୍ରାୟ ୩୮ ହଜାର କିଶୋରୀଙ୍କୁ ଗର୍ଭାଶୟ କର୍କଟ ନିରୋଧୀ ଟୀକା ପ୍ରଦାନ କରାଯିବ । ଏ ନେଇ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ କର୍ମଶାଳା ଓ ପ୍ରସ୍ତୁତି ବୈଠକ

ଅନୁଷ୍ଠିତ ହୋଇଯାଇଛି। ସିଡିଏମ୍‌ଓ ଡକ୍ଟର ଭବାନୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ୩୦ରୁ ଊର୍ଦ୍ଧ୍ୱ ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ଚିକିତ୍ସାଳୟର ଡାକ୍ତରଙ୍କ ସମେତ ପ୍ରକଳ୍ପ ପରିଚାଳକ ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

BHK

## ରାସ୍ତା ପ୍ରକଳ୍ପ

ଭଦ୍ରକ ଚରମ୍ପା ରେଳଷ୍ଟେସନ୍‌ରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ କାର୍ଯ୍ୟର  ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୩ କୋଟି ୯୬ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ।

Ganjam

## ବନ୍ଦେ ମାତରମ୍ ଗାନ

ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ କାର୍ଯ୍ୟାଳୟରେ 'ବନ୍ଦେ ମାତରମ୍'ର ୧୫୦ତମ ପୂର୍ତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କ ଉପସ୍ଥିତିରେ ସମୂହ 'ବନ୍ଦେ ମାତରମ୍' ଗାନ ସହ ସ୍ୱଦେଶୀ ବସ୍ତ୍ର ବ୍ୟବହାର ସମ୍ପର୍କିତ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

Jajpur

## ଫାଇଲେରିଆ ନିରାକରଣ

ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଫାଇଲେରିଆ ରୋଗର ନିରାକରଣ ପାଇଁ ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ବୈଠକରେ ଯୋଗଦେଇ ଜିଲ୍ଲାରୁ ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱ ସ୍ବାସ୍ଥ୍ୟ ସଂଗଠନର କ୍ଷେତ୍ରୀୟ ସମ୍ପାଦକ ଡକ୍ଟର ନିଶିଥ୍ ରଞ୍ଜନ ପାଢ଼ି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ରସୁଲପୁର ବ୍ଲକରେ ଫାଇଲେରିଆ ରୋଗର ନିରାକରଣ ପାଇଁ ଆସନ୍ତା ମାସ ୧୦ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।